Institute for Social Development

# ମାଧ୍ୟମ

## ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

7th Year | Vol. VII | September 2014 - August 2021



**Sri Saumyendra Ku. Priyadarsi, IPS**
Commissioner of Police
Bhubaneswar-Cuttack

ଫୋନ : ୦୬୭୪-୨୫୩୦୦୩୫
ଫାକ୍ସ : ୦୬୭୪-୨୫୩୦୦୦୧
ମୋବାଇଲ : ୮୨୮୦୩୩୮୩୦୦
ଇ-ମେଲ : commissioneratepolice@nic.in

## ବାର୍ତ୍ତା

ଅନେକ ଝଡ଼ଝଞ୍ଜା ଓ ସମସ୍ୟାକୁ ଅତିକ୍ରମ କରି 'ମାଧ୍ୟମ' ଏବେ ସାତ ବର୍ଷରେ ପଦାର୍ପଣ କରିଛି ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ୨୦୧୪ ମସିହା ସେପ୍ଟେମ୍ବର ମାସ ୩ ତାରିଖରୁ କମିଶନରେଟ୍ ପୋଲିସ୍ ଭୁବନେଶ୍ୱର-କଟକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ' (ଆଇ.ଏସ୍.ଡି)ର ମିଳିତ ପ୍ରଚେଷ୍ଟାରେ ଏହି ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ' ହିଂସାପିଡ଼ୀତା ମହିଳାମାନଙ୍କୁ ନିରବଚ୍ଛିନ୍ନ ଭାବେ ସାହାଯ୍ୟ, ସହଯୋଗ, ପରାମର୍ଶ ଓ ନ୍ୟାୟ ଯୋଗାଇ ଦେଇ ଆସୁଅଛି । ଏପରିକି କୋଭିଡ୍ ମହାମାରୀ ସମୟରେ ସାରା ରାଜ୍ୟରେ ଲକ୍ ଡାଉନ୍, ସଟ୍ ଡାଉନ୍ ଚାଲିଥିବା ବେଳେ ମଧ୍ୟ 'ମାଧ୍ୟମ' ତା'ର ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୁଲିନାହିଁ । ଯେଉଁଥିପାଇଁ 'ମାଧ୍ୟମ' ସଫଳତାର ସହିତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଜନ ସାଧାରଣ, ବିଶେଷ କରି ହିଂସାପିଡ଼ୀତା ମହିଳାମାନଙ୍କର ବିଶ୍ୱାସ ଭାଜନ ହୋଇପାରିଛି । 'ମାଧ୍ୟମ'ରେ କାର୍ଯ୍ୟରତ ସମସ୍ତ ପରାମର୍ଶଦାତ୍ରୀଙ୍କର କାର୍ଯ୍ୟ ଓ ଭୂମିକା ପ୍ରଶଂସନୀୟ ।

ମୁଁ 'ମାଧ୍ୟମ'ର ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ଆଶା କରୁଛି ହିଂସାପିଡ଼ୀତା ମହିଳାମାନଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ 'ମାଧ୍ୟମ' ତା'ର ଜୟଯାତ୍ରା ଅକ୍ଷୁଣ୍ଣ ରଖିବ ।

ପୁଲିସ୍ କମିଶନର୍
ଭୁବନେଶ୍ୱର-କଟକ



**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

# ସମ୍ପାଦକୀୟ.......

କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ଓ 'ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ୍ ଡେଭଲପ୍‌ମେଣ୍ଟ'ର ମିଳିତ ପ୍ରୟାସରେ ହିଂସାପିଡ଼ୀତା ମହିଳାମାନଙ୍କୁ ସୁରକ୍ଷା ଦେବାପାଇଁ ଖୋଲାଯାଇଥିବା ମହିଳା ସହଯୋଗ କେନ୍ଦ୍ର - 'ମାଧମ' ଏବେ ୭ ବର୍ଷ ପୂରଣ କରିଛି। ୨୦୧୪ ସେପ୍ଟେମ୍ବର ୩ ତାରିଖରୁ ଆରମ୍ଭ କରାଯାଇଥିବା ଦୁଇଟି କେନ୍ଦ୍ର ହିଂସାପିଡ଼ୀତା ମହିଳାମାନଙ୍କୁ ସହଯୋଗ ଓ ସାହାଯ୍ୟ ଦେବାରେ ଅଗ୍ରଣୀ ଭୂମିକା ନିଭାଇଛନ୍ତି। ଏହା କେବଳ ସମ୍ଭବ ହୋଇପାରିଛି କମିଶନରେଟ୍ ପୋଲିସ୍‌ର ସହଯୋଗ ପାଇଁ। ବିଗତ ୭ ବର୍ଷ ମଧ୍ୟରେ ମୋଟ ୪୧୦୩ ଜଣ ମହିଳା ନିଜର ଅଭିଯୋଗ ନେଇ ଏଠାକୁ ଆସିଥିଲାବେଳେ ସେଥିମଧ୍ୟରୁ ୩୧୧୪ ଗୋଟି ଅଭିଯୋଗ ପରାମର୍ଶ ପାଇଁ ପଂଜୀକୃତ ହୋଇଥିଲା ଓ ସେଥିମଧ୍ୟରୁ ୧୯୧୨ଟି ଅଭିଯୋଗର ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି।

ବିଗତ ବର୍ଷ ଆମ ପାଇଁ ଏକ ଆହ୍ୱାନର ବର୍ଷ ଥିଲା। କୋଭିଡ୍ ମହାମାରୀ ପାଇଁ ସରକାର ସାରା ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏହି ଲକ୍‌ଡାଉନ୍ ସମୟରେ 'ମାଧମ' କିନ୍ତୁ ତା'ର କାର୍ଯ୍ୟକ୍ରମ ଜାରି ରଖିଥିଲା। ପରିସଂଖ୍ୟାନରୁ ଜଣାଯାଇଛି ଯେ, ଏହି ସମୟରେ ପାରିବାରିକ ହିଂସା କେସ୍‌ଗୁଡ଼ିକ ଟିକେ ବଢ଼ିଥିଲା। ଏପରି ପରିସ୍ଥିତିରେ 'ମାଧମ'ର ପରାମର୍ଶଦାତ୍ରୀମାନେ ଟେଲିଫୋନ୍ ମାଧ୍ୟମରେ ଅଭିଯୋଗ ନେଇ ଆସିଥିବା ମହିଳାମାନଙ୍କ ସହ ଅହରହ ସଂପର୍କରେ ରହୁଥିଲେ। କୌଣସି ଥାନାରୁ ଏ ସମ୍ବନ୍ଧରେ କିଛି ଅଭିଯୋଗ ଆସିଲେ ସେ ସବୁକୁ ଗୁରୁତର ସହ ନିଆଯାଇ ସେମାନଙ୍କ ଗୃହପରିଦର୍ଶନ କରି ପରାମର୍ଶ ମାଧ୍ୟମରେ ଅଭିଯୋଗର ଶୁଣାଣୀ କରାଯାଉଥିଲା। ଏବେ ବି କୋଭିଡ୍ ସମ୍ପୂର୍ଣ୍ଣଭାବେ ଯାଇନାହିଁ। ସମସ୍ତ ସରକାରୀ ନିୟମମାନି ଏହି କେନ୍ଦ୍ର ଦୁଇଟି ଖୋଲା ରହୁଛି ଓ ହିଂସାପିଡ଼ୀତା ମହିଳାମାନଙ୍କୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେଇ ଆସୁଛି। ଦୀର୍ଘ ୭ ବର୍ଷ ଧରି ପୋଲିସ୍ ପ୍ରଶାସନ ତରଫରୁ ଯେଉଁ ସହଯୋଗ ମିଳିଛି ଏହା କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କୁ ନୂଆ ଢାଞ୍ଚାରେ କାମ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି। 'ମାଧମ' କୁ ଆସୁଥିବା ଅନେକ ଅଭିଯୋଗ ମଧ୍ୟରୁ ଯଦିବା ପାରିବାରିକ ହିଂସା ସମ୍ବନ୍ଧୀୟ ଅଧିକ ଅଭିଯୋଗ ଆସୁଛି, ତଥାପି ଆଜିକା ଦିନରେ ମହିଳାଙ୍କ ପ୍ରତି ହେଉଥିବା ହିଂସା କେବଳ 'ପାରିବାରିକ' ମଧ୍ୟରେ ସୀମିତ ନାହିଁ। ଆଧୁନିକ ଯୁଗରେ ବଦଳିଛି ହିଂସାର ସ୍ୱରୂପ। ନାବାଳିକା ଯୌନ ନିର୍ଯାତନା, ବଳତ୍କାର, ବିବାହର ପ୍ରତିଶ୍ରୁତି ଦେଇ ବିବାହ ନକରିବା ଓ ପୋନୋଗ୍ରାଫି ଭଳି ଅନେକ ନୂଆନୂଆ ଅଭିଯୋଗ ଆମ ଆଗକୁ ଆସିଛି। ଏସବୁକୁ ଦୃଷ୍ଟିରେ ରଖି ମହିଳାଙ୍କ ସୁରକ୍ଷା ନିମନ୍ତେ ସମାଜର ପ୍ରତିଟି ବୁଦ୍ଧିଜୀବୀଙ୍କୁ ଆଗେଇ ଆସିବାକୁ ହେବ। ତା'ଛଡ଼ା ପିଡ଼ୀତା ମହିଳାଟି ନିଜେ ପାଇଁ ନିଜେ ଲଢ଼ିବାର ସାହାସ ଜୁଟାଇବା ନିହାତି ଜରୁରୀ।

ଏହି କାର୍ଯ୍ୟକ୍ରମର ସଫଳତା ପାଇଁ କମିଶନରେଟ୍ ପୋଲିସର ସମସ୍ତ ଅଧିକାରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ମୁଁ ଅନ୍ତରର ସହ ଧନ୍ୟବାଦ ଜଣାଉଛି। ବିଶେଷ କରି ପୋଲିସ୍ କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଶ୍ରୀ ପ୍ରତୀକ ସିଂ, ଡିସିପି, କଟକ ଓ ଡଃ ଉମା ଶଙ୍କର ଦାଶ, ଡିସିପି ଭୁବନେଶ୍ୱରଙ୍କୁ ସେମାନଙ୍କର ସହଯୋଗ ପାଇଁ ଆଇ.ଏସ୍.ଡି. ତରଫରୁ ଅନେକ ଅନେକ କୃତଜ୍ଞତା ଜଣାଉଛି। ଶେଷରେ ଧନ୍ୟବାଦ ଦେବି 'ମାଧମ'ରେ କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କୁ ଯେଉଁମାନଙ୍କର ଅକ୍ଳାନ୍ତ ପରିଶ୍ରମରେ ଅନେକ ଉଜୁଡ଼ି ଯାଇଥିବା ସଂସାର ପୁଣି ଏକାଠି ହୋଇ ପାରିଛନ୍ତି।

**ଶୁଭଶ୍ରୀ ଦାସ**
ନିର୍ଦ୍ଦେଶିକା, ଆଇ.ଏସ୍.ଡି



**Dr. Umashankar Dash, IPS**
Dy. Commissioner of Police
Bhubaneswar

Dy. Commissioner of Police
Vani Vihar Square
Bhubaneswar- 751022
Ph. : 0674-2540555, Fax : 0674-2540444

# MESSAGE

Maadhyam Women Support Center functioning from DCP, Bhubaneswar Office is providing yeoman service to distressed women and families. Police is also richly benefitting from its association with Maadhyam by being able to provide better service to aggrieved women.

I wish the organisation greater success and a brighter future.

**Dr. Umashankar Dash**
Dy. Commissioner of Police
Bhubaneswar



**Prateek Singh**
Dy. Commissioner of Police
Cuttack

Dy. Commissioner of Police , Cuttack
+91-671-23000570 (O), +91-671-2304294 (F)
e-mail: dcpcuttack@nic.in

# MESSAGE

It gives me immense pleasure to know that 'Maadhyam Women Support Center' – a joint venture of Police Commissionerate, Bhubaneswar-Cuttack and Institute for Social Development (ISD) is going to complete 7 years on 3rd September, 2021. The institution is successfully functioning and it has won the trust of people especially of women in distress. 'Maadhyam' proves its efficiency by providing justice to women victims of all sorts of crime. The specialized counselors of the Organization have extended their wholehearted support in reunion of many families by successful counseling.

I wish every success of the organization. Best wishes !!

**Prateek Singh**
Dy. Commissioner of Police
Cuttack

# ମତାମତ



**Banita Moharana**
Inspector-in-Charge
Mahila PS, Bhubaneswar

It gives me immense pleasure that, both the Maadhyam Women Support Centres at Bhubaneswar & Cuttack, a joint venture of Police Commissionerate, Bhubaneswar-Cuttack & Institute for Social Development (ISD) have been successfully functioning since 03.09.2014.

They are relentlessly working towards providing counselling support to distressed women and linking them with various support services like medical, legal, shelter homes and economic opportunities. It has successfully instilled a sense of relief among the victims that they should fight for their rights without suffering from any complexity or inhibition to even during this Covid Pandemic. With the intervention of expert counsellor's services, the community has gained a lot. Many legal disputes got settled at pre litigation time with counselling sessions in a survivor-friendly environment within the ambit of Criminal Justice System.

Congratulations on their 8th Service Anniversary today. They have been such significant part of our team and we couldn't imagine our workplace without them. Through the years, their talents and efforts have helped our success. Together, we take pride in accomplishment and commitment to excellence.

**Banita Moharana**



**Anusuya Nayak**
IIC Mahila P.S
Cuttack

I am to glad to know that "Maadhyama' successfully completed 7 yrs. It helps in resolving domestic issues as a result of which a lot of family get benefitted and maintained their life in a new way. No words can express the commitment and dedication shown by its staff. Truly appreciated. Many many wishes for more great days ahead.

**Anusuya Nayak**



**Rasmita Jena**
IIC, IUCAW

I am very pleased to know that Maadhyam is completed 7 years of service. Since beginning their relentless service on violence against women. Functioning from office of the DCP, Bhubaneswar and Cuttack, the centre plays a pivotal role in providing service to troubled women and has empowered women and brought changes to many lives. Their valuable counselling helps them to understand them better and cope with harmful emotions, traumatic experiences and events. By associating with Maadhyam police is richly benefiting from their valuable service in providing better service to the distressed women.

I wish the organisation a brighter future ahead.

**Rasmita Jena**

# ମତାମତ



**Sarat Chandra Patra**
IIC, Shree Lingaraj PS

It is a matter of extreme pleasure to know that Maadhyam is going to complete 7 years with its positive objective. Domestic violence have increased in the present scenario due to mis-understanding among husband, wife and in-laws. Maadhyam stands like a pillar of guardian to make them understand about their mis-understanding. It reunions the sacred marriage which made in heaven and solemnized on earth. I wish all the members of Maadhyam for their selfness dedication, devotion and sacrifice to build up a temple of happy conjugal life.

**Sarat Chandra Patra**



**Sarat Kumar Sahoo**
IIC, Nayapalli PS

I am glad to know that 'Maadhyam' has completed 7 years of its establishment in order to give direction a better living style between wife and husband. To mark this special occasion. 'Maadhyam' is dedicated towards working for the cause of women. Violence against women is a global crisis and it is an important issue for women with far reaching consequences. The main dispute between a husband and wife is matrimonial in nature which increases due to differences in opinion, thought, suspicion etc., The efforts of the Organization "Maadhyam", jointly working with Commissionerate Police in solving the issues relating to women deserves kudos. I wish all success to "Maadhyam" for the upcoming days.

**Sarat Kumar Sahoo**



**Rashmi R. Mohapatra**
IIC, Badambadi PS

"Maadhyam" in the genesis to repair and protect the cracks created in the conjugal life of couples. It reunites the survivors and respondents. It also resists to demolish the dreaming heavenly houses of the couples. Besides this, it has gathered strength to make it's foundation stronger and bring smile in the face of hopeless victims in other women related offences. During this pandemic when the economic backbone of the whole country became trembled, it has successfully solved the Domestic related issues being catalysed by financial crisis. I congratulate "Maadhyam" and its' functionaries on the name auspicious eve of it's "Seventh" anniversary.

**Rashmi Ranjan Mohapatra**



**Pradipta Kumar Nayak**
IIC Bidanasi PS

"Maadhyam" brings light to the family life. It is a perfect organization which erase the negative aspect of married life. The effort and dedication of all the staff of "Maadhyam" is irreplaceable. I want to give my sincere appreciate the outstanding service given to the society. I heartily congratulate for the responsiveness, attention & efforts. Thank you for stepping in and saving the marital life.

**Pradipta Kumar Nayak**

# ମତାମତ



ଶୁଭଶ୍ରୀ ମିଶ୍ର ଓ ପରିବାର

ମୋର ବିବାହ କଟକର ଏକ ପ୍ରତିଷ୍ଠିତ ପରିବାରରେ ହୋଇଥିଲା। ହେଲେ ସେମାନେ ମୋତେ ଠକି ଦେଇଥିଲେ। ବିବାହ ପରେ ଜାଣିବାକୁ ପାଇଲି ମୋ ସ୍ୱାମୀ କିଛି କରନ୍ତିନି। ତାଙ୍କର ରୋଜଗାର କମ୍ ହେତୁ ମୋତେ ହିଁ ସବୁ ସହିବାକୁ ପଡୁଥିଲା। ବାହାଘରର ଗୋଟାଏ ବର୍ଷ ପରେ ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ସେ ଘର ଛାଡ଼ି ମୋ ବାପ ଘରେ ଆସି ରହିଲୁ। ସେତେବେଳକୁ ମୋ କୋଳରେ ୫ ମାସର ପୁଅଟିଏ। ଏହି ସମୟ ମଧ୍ୟରେ ମୋ ସ୍ୱାମୀ କ୍ୟାନସର୍‌ରେ ଚାଲିଗଲେ। ବାପ ଘରର ଆର୍ଥିକ ସ୍ଥିତି ଏତେ ଭଲ ନାହିଁ। କିଭଳି ପୁଅଟିକୁ ବଡ଼ କରିବି ସେହି ଚିନ୍ତାରେ ଅନେକଙ୍କ ପରାମର୍ଶ ନେଇଥିଲି ହେଲେ କିଛି ସୁଫଳ ମିଳି ନଥିଲା। ସ୍ୱାମୀ ଯିବାର ୫ ବର୍ଷ ପରେ ମୋର ଜଣେ ବନ୍ଧୁଙ୍କ ସହାୟତାରେ 'କଟକ ମାଧ୍ୟମ'ରେ ପହଞ୍ଚିଲି। ସେଠିକାର କାଉନ୍‌ସେଲର ରୋଜାଲିନ୍ ମାଡାମ୍‌କୁ ସବୁକଥା କହିଲି। ସେ ସବୁ ଶୁଣିଲା ପରେ କହିଲେ ଦେଖିବା, କିଛି ଗୋଟେ ନିଶ୍ଚୟ କରିବା। ତାଙ୍କର ଏହି ପଦକ କଥାରେ ମୋତେ ଟିକେ ସାହସ ଆସିଲା। ତା'ପରେ ସେ ତାଙ୍କ ଶୈଳୀରେ ମୋ ଶାଶୁଘର ଲୋକଙ୍କୁ ଡାକିଲେ। ବହୁତ ବୁଝାଶୁଝା କରାଇଲା ପରେ ଶେଷରେ ସେମାନେ ମୋର ଓ ମୋ ପୁଅର ସମସ୍ତ ଦାୟିତ୍ୱ ନେବା ପାଇଁ ରାଜି ହୋଇଛନ୍ତି। କେବଳ ଏତିକି ନୁହେଁ 'ମାଧ୍ୟମ'କୁ ଆସିଲା ପରେ ମୋ ମନରେ ବି ଏକପ୍ରକାର ସାହାସ ଆସିଯାଇଛି। ଏସବୁ ମୋ ଭିତରେ କେବଳ 'ମାଧ୍ୟମ'ର ରୋଜାଲିନ୍ ମାଡାମଙ୍କ ପାଇଁ ହୋଇପାରିଛି। ତେଣୁ ମୁଁ ତାଙ୍କୁ ଯେତେ ବି କୃତଜ୍ଞତା ଜଣାଇଲେ ବି କମ୍ ହେବ। କେବଳ ଏତିକି କହିବି ସେ ଦୀର୍ଘଜୀବି ହୁଅନ୍ତୁ। ମୋ ଭଳି ଆହୁରି ଅନେକ ଅବହେଳିତ ମହିଳାମାନଙ୍କୁ ବଞ୍ଚିବାର ରାହା ଦିଅନ୍ତୁ। ଧନ୍ୟବାଦ।

ଜୀବନ ଯୁଦ୍ଧରେ ହାରିଯିବା ଭୟରେ, ନିଜର ସଂସାରକୁ ବଞ୍ଚାଇବା ଲକ୍ଷ୍ୟରେ ଅନେକଙ୍କୁ ସାହାଯ୍ୟ ମାଗିଥିଲି। ହେଲେ କୌଣସି ଠାରୁ ସୁଫଳ ପାଇନଥିଲି। ଭାବିଲି ଜୀବନର କୌଣସି ମୂଲ୍ୟନାହିଁ। ହଠାତ୍ କେହି ଜଣେ ମୋତେ 'ମାଧ୍ୟମ' ଯିବା ପାଇଁ ପରାମର୍ଶ ଦେଲେ। ଯିବି କି ନ ଯିବି ଦ୍ୱନ୍ଦ୍ୱରେ ରହି ଦିନେ ସେଠାକୁ ଯିବାପାଇଁ ମନସ୍ଥ କଲି। ମୋର ମନେ ଅଛି ସେହି ପ୍ରଥମ ଦିନର ଘଟଣା। 'ମାଧ୍ୟମ'ର କାଉନ୍‌ସେଲର ମାଡାମ୍ ଅନିମା ମିଶ୍ର ମୋତେ ଗୋଟେ ଥଣ୍ଡା ପାଣି ବୋତଲ ଧରାଇ ଦେଇ ପିଇନେବା ପାଇଁ କହିଲେ। ତା'ପରେ ସେ ମୋର ମୁହଁର ହାବଭାବ ଦେଖି କହିଲେ, "ଜୀବନର ମାନେ ହିଁ ସଂଘର୍ଷ ଆଉ ସେହି ସଂଘର୍ଷ ସହିତ ଆମକୁ ବଂଚିବାକୁ ହେବ। ତାଙ୍କର ଏହି ପଦକ କଥା ମୋ ମନକୁ ଦୃଢ଼ କରିଦେଲା ଯେ ସେହି ମୁହୂର୍ତ୍ତରେ ମୁଁ ଭାବିଲି ଡେରି ହେଉପଛେ ମୁଁ ଠିକ୍ ଜାଗାରେ ପହଁଚିଛି। ଯାହା ହେଉ ଅନେକ ଥର ମିଳିତ ପରାମର୍ଶ ପରେ ଆମର ଭାଙ୍ଗିଯାଇଥିବା ସଂସାର ଠିଆ ହେବାର ସ୍ୱପ୍ନ ଦେଖିଲି। ଆଉ ତାହା ସତ ବି ହେଲା। ଏବେ ମୁଁ ମୋ ପରିବାର ସହିତ ଖୁସିରେ ଅଛି। ମୋ ତରଫରୁ 'ମାଧ୍ୟମ' କୁ ବହୁତ ବହୁତ ଧନ୍ୟବାଦ ଜଣାଉଛି। ମୁଁ ବିଶେଷ ଭାବେ ଧନ୍ୟବାଦଦେଉଛି ଅନିମା ମିଶ୍ର ମାଡାମଙ୍କୁ ଯିଏ ଏତେ ଧୈର୍ଯ୍ୟର ସହ ଆମ କଥା ଶୁଣିଲେ ଓ ଆମ ସମସ୍ୟାର ସମାଧାନ କରିପାରିଲେ।




ଦମୟନ୍ତୀ ଶତପଥୀ ଓ ପରିବାର

## ମତାମତ



ଗୀତାଞ୍ଜଳୀ ମହାନ୍ତି ଓ ପରିବାର

ସ୍ୱାମୀ ଓ ସ୍ତ୍ରୀର ସଂପର୍କ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ୍ୟ। ସତେ ଯେପରି ଏକ କାଚଘର। କାଚ ଭାଙ୍ଗିଗଲେ ତାକୁ ଆଉ ଯୋଡ଼ାଇ ହୋଇପାରେନା। ଠିକ୍ ସେହିପରି ସମ୍ପର୍କରେ ଥରେ ଫାଟ ଆସିଲେ ତାକୁ ଯୋଡ଼ିବା ସମ୍ଭବପର ହୋଇନଥାଏ। ହେଲେ ଆମ ସମ୍ପର୍କର ଫାଟକୁ 'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରର ପରାମର୍ଶଦାତ୍ରୀ ରୋଜାଲିନ୍ ମାଡାମ ଯୋଡ଼ି ପାରିଛନ୍ତି। ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ତାଙ୍କର ମହନୀୟତା ପାଖରେ ମୁଁ ଚିର କୃତଜ୍ଞ। ବହୁତ ସୁନ୍ଦର ଆଉ ଧର୍ଯ୍ୟର ସହିତ ଆମ ସ୍ୱାମୀ ସ୍ତ୍ରୀଙ୍କର ଅଭିଯୋଗ ଶୁଣି, ଆମ ଭିତରେ ଥିବା ତିକ୍ତତାକୁ ଦୂରେଇ ଦେଇ ଏକ ସୁନ୍ଦର ସଂସାରର ପଥ ଦେଖାଇଦେଲେ। ଏ ପର୍ଯ୍ୟନ୍ତ ଆମ ସଂସାର ଠିକ୍ ଚାଲିଛି। ମୁଁ କଟକ ସହରରେ ରୁହେ। ଅନେକ ଥର ଚିନ୍ତା କରିଥିଲି ମୋର ଅସୁବିଧାକୁ କାହାକୁ କହିବି ଯିଏକି ମୋତେ ସାହାଯ୍ୟ କରିପାରିବ। ଯାହାହେଉ ମୁଁ ଠିକ୍ ସମୟରେ 'ମାଧ୍ୟମ' ବିଷୟରେ ଜାଣିଲି ଓ ସେଠାକୁ ଯାଇଥିଲି। ସେଠିକୁ ଯାଇ ମୋର ଜୀବନର ଗତିପଥ ବଦଳି ପାରିଛି। ମୋ ଭଳି ଅନେକ ମହିଳା ଅଛନ୍ତି ଯେଉଁମାନେ ମୋ ଭଳି ସମସ୍ୟାରେ ପଡ଼ି କୁଆଡ଼େ ଯିବେ ଜାଣିପାରୁ ନାହାଁନ୍ତି, ସେମାନଙ୍କୁ ମୁଁ ଅନୁରୋଧ କରିବି ନିଜର ପାରିବାରିକ ସମସ୍ୟାକୁ ନ ଲୁଚାଇ ଶୀଘ୍ର 'ମାଧ୍ୟମ'ର ସହଯୋଗ ନିଅନ୍ତୁ ଓ ଆମଭଳି ଏକ ସୁନାର ସଂସାର ଗଢ଼ନ୍ତୁ। ଧନ୍ୟବାଦ।



ପ୍ରଭାତୀ ମିଶ୍ର ଓ ପରିବାର


ମୁଁ 'ମାଧ୍ୟମ' ବିଷୟରେ ଅନେକଙ୍କ ଠାରୁ ଶୁଣିଥିଲି। ଅନେକଥର ଭାବିଲି ସେଠାକୁ କିପରି ଥରେ ଯାଆନ୍ତି କି? ଜାଣିବାକୁ ପାଇଲି ସେହି କେନ୍ଦ୍ରଟି ଡି.ସି.ପି. ଅଫିସ୍ ପରିସରରେ ଅଛି। ପ୍ରଥମେ ଟିକେ ଡର ଲାଗିଲା। ଜୀବନରେ ପ୍ରଥମ ଥର ପାଇଁ ଗୋଟେ ପୋଲିସ୍ ଅଫିସ୍ ଭିତରକୁ ଯିବି। କାଳେ କିଛି ହୋଇଯିବନି ତ? ଏ ସମ୍ବନ୍ଧରେ ମୁଁ ମୋର ଜଣେ ସାଙ୍ଗ ସହିତ କଥା ହେଲି ସେ ମୋତେ 'ମାଧ୍ୟମ'ର କାର୍ଯ୍ୟ ବିଷୟରେ ବିସ୍ତୃତଭାବେ ଜଣାଇଲା। ତା'ପରେ ମୋ ମନରେ ଏକ ଆଶା ଉଦ୍‌ଜ୍ଜିବିତ୍ ହେଲା। ପାରିବାରିକ ସମସ୍ୟା କାହା ଆଗରେ କହିବା ପାଇଁ ଟିକେ ସଂକୋଚ ଲାଗୁଥିଲା। ପ୍ରଥମ ଥର ପାଇଁ ମୁଁ ଯେତେବେଳେ 'ମାଧ୍ୟମ'ର ଦ୍ୱାରସ୍ଥ ହେଲି ଆଉ ଅନିମା ମିଶ୍ର ମାଡାମ୍‌ଙ୍କ ସହ କଥା ହେଲି ସେହି ଦିନ ହିଁ ମୋର ଅଧା ସମସ୍ୟାର ସମାଧାନ ହୋଇଗଲା ବୋଲି ଭାବିନେଲି। ସେ ଯାହାହେଉ ପରବର୍ତ୍ତୀ ମୁହୂର୍ତ୍ତରେ ସେ ଧର୍ଯ୍ୟର ସହ ମୋ କାହାଣୀ ଶୁଣିଲେ ଓ ମୋର ସ୍ୱାମୀଙ୍କୁ ଡାକି କଥା ହେବାପାଇଁ ପ୍ରତିଶ୍ରୁତି ଦେଲେ। ସେଦିନ ମୋ ମନରେ ଏକ ଆଶା ସଂଚାର ହେଲା। ମୁଁ ମାନୁଛି ସଂସାରଟିକୁ ଠିକ୍ ବାଟରେ ଚାଲିବାକୁ ହେଲେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ସହଯୋଗ ଲୋଡ଼ା। ମୁଁ ଦୁଇ ପଦଆଗକୁ ଗଲେ କ୍ଷତି କ'ଣ? ଅନିମା ମାଡାମ୍‌ଙ୍କର ବୁଝାଇବାର ଶୈଳୀ ମୋତେ ଆଉ ଦୁଇପାଦଆଗକୁ ଯାଇ ସମସ୍ୟାର ସମାଧାନର ବାଟ ଖୋଲିଦେଲା। ଭୁଲ୍ ବୁଝାମଣା ଅନେକ ସଂସାରକୁ ଭାଙ୍ଗି ଦେଉଛି। ଆମେ ଦୁହେଁ ନିଜନିଜର ଭୁଲ୍ ବୁଝିପାରିଲୁ ଓ ଆମ ସଂସାରକୁ ସଜାଡ଼ିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲୁ। ଆମ ଭଳି ଯଦି କେହି ସ୍ୱାମୀ ସ୍ତ୍ରୀ ଏହିଭଳି ସମସ୍ୟାରେ ଥାନ୍ତି ତେବେ ମାଧ୍ୟମର ସହଯୋଗ ନିଅନ୍ତୁ। ଧନ୍ୟବାଦ।

MAADHYAM (WOMEN SUPPORT CENTER)

# 7 YEARS JOURNEY


## YEARWISE CASES COMING TO THE CENTER

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 127 | 105 | **232** |
| 2015 | 301 | 263 | **564** |
| 2016 | 274 | 314 | **588** |
| 2017 | 334 | 347 | **681** |
| 2018 | 339 | 329 | **668** |
| 2019 | 265 | 259 | **524** |
| 2020 | 266 | 255 | **521** |
| 2021 (Aug.) | 164 | 161 | **325** |
| **TOTAL** | **2070** | **2033** | **4103** |





## CASE REGISTRATION FOR COUNSELING

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 80 | 80 | 160 |
| 2015 | 183 | 206 | 389 |
| 2016 | 157 | 251 | 408 |
| 2017 | 201 | 293 | 494 |
| 2018 | 260 | 278 | 538 |
| 2019 | 244 | 229 | 473 |
| 2020 | 201 | 200 | 401 |
| 2021 (Aug.) | 122 | 129 | 251 |
| **TOTAL** | **1448** | **1666** | **3114** |




## CASE RECONCILIATION STATUS

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 31 | 48 | 79 |
| 2015 | 96 | 135 | 231 |
| 2016 | 84 | 167 | 251 |
| 2017 | 152 | 202 | 354 |
| 2018 | 165 | 182 | 347 |
| 2019 | 140 | 131 | 271 |
| 2020 | 91 | 130 | 221 |
| 2021 (Aug.) | 71 | 87 | 158 |
| **TOTAL** | **830** | **1082** | **1912** |



# CASE REGISTRATION STATUS AT MAADHYAM, BHUBANESWAR

**Location : DCP Office, Vani Vihar Square**

## Cases coming to the center

| Year | Application Received | Cases Registered for Counseling |
|---|---|---|
| 2014 (Sept.) | 127 | 80 |
| 2015 | 301 | 183 |
| 2016 | 274 | 157 |
| 2017 | 334 | 201 |
| 2018 | 339 | 260 |
| 2019 | 265 | 244 |
| 2020 | 266 | 201 |
| 2021(Aug) | 164 | 122 |
| **TOTAL** | **2070** | **1448** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept.) | 80 | 31 |
| 2015 | 183 | 96 |
| 2016 | 157 | 84 |
| 2017 | 201 | 152 |
| 2018 | 260 | 165 |
| 2019 | 244 | 140 |
| 2020 | 201 | 91 |
| 2021(Aug) | 122 | 71 |
| **TOTAL** | **1448** | **830** |

## Different Type of Cases coming to the center

| Type of cases | Year | | | | | | | | Total |
|---|---|---|---|---|---|---|---|---|---|
| | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 (Aug.) | |
| Domestic Violence | 56 | 161 | 144 | 190 | 248 | 228 | 190 | 112 | **1329** |
| False Promise of Marriage | 11 | 10 | 08 | 10 | 12 | 16 | 11 | 09 | **87** |
| Sexual Harassment at workplace | 01 | - | 01 | - | - | - | - | - | **02** |
| Molestation / Eve Teasing / Stalking | 05 | 12 | 04 | 01 | - | - | - | - | **22** |
| Cyber Crime & Trafficking | 07 | - | - | - | - | - | - | 01 | **08** |

## Alternative Support Services Provided to the Survivors

| Services | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 (Aug.) | Total |
|---|---|---|---|---|---|---|---|---|---|
| Shelter Home | - | 05 | 13 | 03 | 06 | 04 | - | 01 | **32** |
| Medical Support | - | 01 | 07 | 09 | 13 | 14 | 21 | 17 | **82** |
| Legal Support | 08 | 17 | 17 | 13 | 32 | 10 | 14 | 10 | **121** |
| DIR Filling | - | 01 | 08 | 13 | 07 | 06 | 03 | 05 | **43** |
| Livelihood Linkages | - | 01 | 02 | 02 | 04 | 02 | 01 | - | **12** |

## Cases Refer From

| Source | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| Police | 37 | 130 | 107 | 108 | 149 | 183 | 115 | 55 | **884** |
| Self | 13 | 06 | - | 05 | 27 | 18 | 32 | 39 | **140** |
| Media | 21 | 04 | 08 | 07 | 03 | 02 | - | - | **45** |
| NGO | 03 | 11 | 05 | 19 | 02 | 01 | - | - | **41** |
| Corporator | - | - | - | - | 01 | - | - | - | **01** |
| Social Worker | 03 | 05 | 02 | 13 | 27 | 08 | 08 | 06 | **72** |
| Relative | - | 03 | 08 | 12 | 09 | 07 | 08 | 02 | **49** |
| Friend | - | 14 | 22 | 02 | 04 | - | - | 01 | **43** |
| Advocate | - | 08 | 05 | 12 | 08 | 09 | 11 | 08 | **61** |
| Ex Client | - | 02 | - | 17 | 19 | 12 | 23 | 11 | **84** |
| Sakhi OSC | - | - | - | 01 | 03 | 02 | 04 | - | **10** |
| 181 helpline | - | - | - | 03 | 04 | 02 | - | - | **09** |
| CWC | 03 | - | - | 02 | 01 | - | - | - | **06** |
| 100 Control Room | - | - | - | - | 03 | - | - | - | **03** |

## Socio- economic background of the survivors

| Background | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| General | 32 | 96 | 85 | 112 | 140 | 135 | 105 | 63 | **768** |
| OBC | 26 | 58 | 30 | 45 | 67 | 58 | 48 | 31 | **363** |
| SC | 16 | 19 | 24 | 29 | 41 | 36 | 32 | 19 | **216** |
| ST | 06 | 10 | 02 | 03 | 07 | 05 | 06 | 07 | **46** |
| Muslim | - | - | 12 | 08 | 03 | 08 | 06 | 02 | **39** |
| Christian | - | - | 04 | 04 | 02 | 02 | 04 | - | **16** |

## Education Status of the survivors

| Qualification | 2014(Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| Illiterate | 06 | 12 | 04 | 08 | 12 | 08 | 05 | 02 | **57** |
| Able to read and write | 26 | 12 | 17 | 03 | 02 | 01 | 01 | 01 | **63** |
| Primary | 23 | 32 | 32 | 20 | 28 | 31 | 39 | 25 | **230** |
| Secondary | 15 | 62 | 35 | 76 | 78 | 75 | 68 | 29 | **438** |
| Intermediate | 05 | 05 | 26 | 19 | 31 | 27 | 20 | 15 | **148** |
| Graduation | 05 | 39 | 17 | 30 | 52 | 59 | 25 | 27 | **254** |
| Post-Graduation | - | 16 | 09 | 14 | 13 | 18 | 15 | 06 | **91** |
| Any other | - | 05 | 17 | 31 | 44 | 25 | 28 | 17 | **167** |

## Age Group of the survivors

| Age | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021(Aug) | Total |
|---|---|---|---|---|---|---|---|---|---|
| Less than 18 | - | - | - | - | - | 01 | - | - | **01** |
| 18-25 | 25 | 45 | 57 | 76 | 77 | 54 | 42 | 22 | **398** |
| 26-40 | 42 | 126 | 76 | 91 | 140 | 146 | 98 | 61 | **780** |
| 41-55 | 06 | 07 | 21 | 25 | 29 | 24 | 36 | 24 | **172** |
| Above 55 | 07 | 05 | 03 | 09 | 14 | 19 | 25 | 15 | **97** |

# CASE REGISTRATION STATUS AT MAADHYAM, CUTTACK

**Location : Mahila Police Station, Buxi Bazar**

## Cases coming to the center

| Year | Application Received | Cases Registered for Counseling |
|---|---|---|
| 2014 (Sept) | 105 | 80 |
| 2015 | 263 | 206 |
| 2016 | 314 | 251 |
| 2017 | 347 | 293 |
| 2018 | 329 | 278 |
| 2019 | 259 | 229 |
| 2020 | 255 | 200 |
| 2021(Aug) | 161 | 129 |
| **TOTAL** | **2033** | **1666** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept) | 80 | 48 |
| 2015 | 206 | 135 |
| 2016 | 251 | 167 |
| 2017 | 293 | 202 |
| 2018 | 278 | 182 |
| 2019 | 229 | 131 |
| 2020 | 200 | 130 |
| 2021(Aug) | 129 | 87 |
| **TOTAL** | **1666** | **1082** |

## Different Type of Cases coming to the center

| Type of cases | Year | | | | | | | | Total |
|---|---|---|---|---|---|---|---|---|---|
| | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | |
| Domestic Violence | 69 | 180 | 229 | 268 | 274 | 229 | 191 | 126 | **1566** |
| False Promise of Marriage | - | 02 | 03 | 07 | 03 | - | 07 | 03 | **25** |
| Adultery | 06 | 11 | 17 | 12 | 01 | - | - | - | **47** |
| Molestation / Eve Teasing / Stalking | 05 | 12 | 02 | 06 | - | - | 02 | - | **27** |
| Cyber Crime & Trafficking | - | 01 | - | - | - | - | - | - | **01** |

## Alternative Support Services Provided to the Survivors

| Services | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| Shelter Home | - | - | 02 | 01 | 01 | 01 | - | - | **05** |
| Free Medical Support | - | - | - | 02 | 01 | 11 | 03 | - | **17** |
| Free Legal Aid Support | 05 | 04 | 13 | 15 | 31 | 14 | 20 | 09 | **111** |
| DIR Filling | 04 | 03 | 05 | 03 | 02 | 01 | 02 | 01 | **21** |
| Livelihood Linkages | 01 | 02 | 02 | 02 | 01 | 02 | 01 | - | **11** |

## Cases Refer From

| Source | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| Police | 76 | 193 | 227 | 262 | 257 | 208 | 190 | 123 | **1536** |
| Self | - | 07 | 18 | 08 | 10 | 12 | 05 | 02 | **62** |
| Media | - | - | 02 | 05 | - | - | 02 | - | **09** |
| NGO | 04 | 03 | 02 | 02 | 06 | 01 | - | - | **18** |
| Social Worker | - | 03 | - | 02 | - | 02 | 02 | 02 | **11** |
| Relative | - | - | - | 02 | - | - | 01 | - | **03** |
| Friend | - | - | - | 04 | - | - | - | - | **04** |
| Advocate | - | - | 01 | 05 | - | 05 | - | 02 | **13** |
| Ex Client | - | - | 01 | 03 | 02 | - | - | - | **06** |
| 181 helpline | - | - | - | - | 03 | 01 | - | - | **04** |

## Socio- economic background of the survivors

| Background | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| General | 24 | 112 | 84 | 111 | 127 | 110 | 76 | 62 | **706** |
| OBC | 18 | 86 | 57 | 49 | 24 | 24 | 34 | 20 | **312** |
| SC | 16 | 02 | 62 | 86 | 76 | 51 | 55 | 30 | **378** |
| ST | 02 | 01 | 04 | 02 | 05 | 01 | 04 | - | **19** |
| Muslim | 20 | 03 | 39 | 37 | 42 | 41 | 24 | 16 | **222** |
| Christian | - | 02 | 05 | 08 | 04 | 02 | 07 | 01 | **29** |

## Education Status of the survivors

| Qualification | 2014(Sept) | 2015 | 2016 | 2017 | 2018 | 2019 | 2020 | 2021 (Aug) | Total |
|---|---|---|---|---|---|---|---|---|---|
| Illiterate | 02 | 09 | 15 | 08 | 14 | 08 | 16 | 10 | **82** |
| Able to read and write | 06 | 12 | 20 | 21 | 23 | 31 | 14 | - | **127** |
| Primary | 02 | 19 | 47 | 59 | 53 | 45 | 31 | 16 | **272** |
| Secondary | 26 | 126 | 61 | 98 | 86 | 70 | 54 | 48 | **569** |
| Intermediate | 22 | 32 | 48 | 37 | 36 | 28 | 32 | 10 | **245** |
| Graduation | 12 | 05 | 39 | 43 | 37 | 30 | 38 | 34 | **238** |
| Post-Graduation | 05 | 02 | 14 | 08 | 11 | 10 | 06 | 04 | **60** |
| Any other | 05 | 01 | 07 | 19 | 18 | 07 | 09 | 07 | **73** |

## Age Group of the survivors

| Age | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021(Aug) | Total |
|---|---|---|---|---|---|---|---|---|---|
| Less than 18 | - | - | 01 | 04 | 01 | - | 01 | - | **07** |
| 18-25 | 16 | 26 | 68 | 105 | 97 | 68 | 62 | 44 | **486** |
| 26-40 | 54 | 176 | 154 | 155 | 147 | 135 | 120 | 76 | **1017** |
| 41-55 | 09 | 02 | 23 | 23 | 19 | 19 | 13 | 08 | **116** |
| Above 55 | 01 | 02 | 05 | 06 | 14 | 07 | 04 | 01 | **40** |

## ଗୃହ ପରିଦର୍ଶନ (Home Visit)

"ମାଧ୍ୟମ" ର ପରାମର୍ଶଦାତ୍ରୀମାନେ ପଞ୍ଜିକୃତ ଅଭିଯୋଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ପକ୍ଷଙ୍କ ଘରକୁ ଯାଇ ସେମାନଙ୍କ ପରିବାରର ସଦସ୍ୟଙ୍କ ସହିତ ଦେଖାକରିଥାନ୍ତି। କିଛି ଅଭିଯୋଗରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ କିମ୍ୱା ବିପକ୍ଷ ପକ୍ଷ ଅନୁପସ୍ଥିତ ହେଲେ ସେମାନଙ୍କୁ ଡାକିବା ପାଇଁ "ମାଧ୍ୟମ"ର ପରାମର୍ଶଦାତ୍ରୀମାନେ ସ୍ଥାନୀୟ ଥାନାର ପୋଲିସ ଅଧିକାରୀଙ୍କ ସହାୟତାରେ ଗୃହ ପରିଦର୍ଶନରେ ଯାଇଥାନ୍ତି। ଉଭୟ ପକ୍ଷ ହେଉ କିମ୍ୱା ଗୋଟିଏ ପକ୍ଷଙ୍କ ଘରକୁ ଯିବା ଦ୍ୱାରା ବହୁ କ୍ଷେତ୍ରରେ ଅଭିଯୋଗ ଗୁଡିକ ସମାଧାନ କରିବା ଦିଗରେ ସହଜ ହୋଇଥାଏ। ବିଗତ ବର୍ଷମାନଙ୍କରେ ଅନେକ ପାରିବାରିକ ନିର୍ଯ୍ୟାତନା ଜନିତ ଅଭିଯୋଗ "ମାଧ୍ୟମ"ରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଥିଲେ ବି ସେମାନଙ୍କ ମଧ୍ୟରେ ଯୌତୁକରେ ଦିଆଯାଇଥିବା କିଛି ଜିନିଷ ଫେରାଇବାକୁ ହେଲେ ଗୃହ ପରିଦର୍ଶନ ମାଧ୍ୟମରେ ଅନେକାଂଶରେ ଏହି ସମସ୍ୟା ଦୂର ହୋଇପାରିଛି। ଗୃହ ପରିଦର୍ଶନରେ ସ୍ଥାନୀୟ ପୋଲିସର ସହଯୋଗ ନିହାତି ଜରୁରୀ।

## ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା କେସ୍ ସଂଖ୍ୟା

### ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୦୭ |
| ୦୨ | ଚନ୍ଦ୍ରଶେଖରପୁର | ୦୯ |
| ୦୩ | ନନ୍ଦନକାନନ | ୦୬ |
| ୦୪ | ନୟାପଲ୍ଲୀ | ୨୦ |
| ୦୫ | ଖଣ୍ଡଗିରି | ୩୯ |
| ୦୬ | ତମାଣ୍ଡୋ | ୦୫ |
| ୦୭ | ଚନ୍ଦକା | ୦୨ |
| ୦୮ | ଜଟଣୀ | ୦୯ |
| ୦୯ | ଶହିଦ ନଗର | ୪୭ |
| ୧୦ | ଖାରବେଳ ନଗର | ୧୧ |
| ୧୧ | ମଚେ ଶ୍ୱର | ୧୯ |
| ୧୨ | ଲକ୍ଷ୍ମୀସାଗର | ୪୫ |
| ୧୩ | ଧଉଳି | ୧୩ |
| ୧୪ | ଏୟାରଫିଲଡ୍ | ୩୦ |
| ୧୫ | ଶ୍ରୀଲିଙ୍ଗରାଜ | ୨୫ |
| ୧୬ | କ୍ୟାପିଟାଲ | ୧୩ |
| ୧୭ | ବାଲିଅନ୍ତା | ୦୮ |
| ୧୮ | ବାଲିପାଟଣା | ୦୫ |
| ୧୯ | ବରଗଡ | ୦୮ |
| ୨୦ | ମହିଳା ଥାନା | ୩୭୪ |
| ୨୧ | ଏୟାରପୋର୍ଟ | ୦୭ |
| ୨୨ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୫୮ |
| ୨୩ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୫ |
| ୨୪ | ଅନ୍ୟାନ୍ୟ | ୦୯ |
| | **ମୋଟ** | ୮୮୪ |

### କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୩ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟେନ୍‌ମେ ୍ | - |
| ୦୪ | କଟକ ସଦର | ୦୫ |
| ୦୫ | ମହିଳା ଥାନା | ୧୪୭୯ |
| ୦୬ | ବିଡାନାସୀ | ୦୨ |
| ୦୭ | ଲାଲବାଗ୍ | ୦୩ |
| ୦୮ | ମଧୁପାଟଣା | ୦୨ |
| ୦୯ | କନ୍ଦରପୁର | ୦୪ |
| ୧୦ | ଚୌଦ୍ୱାର | ୦୨ |
| ୧୧ | ଚାଉଳିଆଗଞ୍ଜ | ୦୨ |
| ୧୨ | ମର୍କତ ନଗର | ୦୧ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୦୫ |
| ୧୫ | ଦରଘା ବଜାର | - |
| ୧୬ | ଜଗତପୁର | ୦୧ |
| ୧୭ | ବାଦାମବାଡ଼ି | - |
| ୧୮ | ସିଡିଏ ଫେଜ୍ ୨ | - |
| ୧୯ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୨ |
| ୨୦ | ଅନ୍ୟାନ୍ୟ | ୦୭ |
| | **ମୋଟ** | **୧୫୩୬** |

## ପ୍ରାକ୍ ବିବାହ ପରାମର୍ଶ
## (Premarital Counselling)

'ମାଧ୍ୟମ' କାର୍ଯ୍ୟକ୍ରମର ୭ ବର୍ଷ ମଧ୍ୟରେ ଆମେ ଅନେକଗୁଡ଼ିଏ ସମସ୍ୟାର ସମାଧାନ କରିଛୁ । ଅନେକ ସମସ୍ୟାର ଭିତରକୁ ଯାଇ ଦେଖିଛୁ **'ବୈବାହିକ ବିବାଦ'** । ଯାହାର ଅନେକ କାରଣ ରହିଛି ଯେପରି କି - ପୁଅ ଝିଅ ଦୁହେଁ ନିଜ ଭିତରେ କଥା ଦିଆନିଆ ଓ ପ୍ରତିଶ୍ରୁତି ଦେଇ ବିବାହ କରିବା, ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସଂବନ୍ଧ ରଖିବା, ବିବାହକୁ ପଞ୍ଜିକରଣ ନକରାଇବା, କର୍ମସଂସ୍ଥାନ ବିଷୟରେ ମିଛ ତଥ୍ୟ ଦେବା ଆଦି ଅନେକ କାରଣ । ସଂସାରକୁ ଗଢ଼ିବା ପରିବର୍ତ୍ତେ ଭାଙ୍ଗିଦେଉଛି । ଏହା ପୁଅ ଝିଅ ମଧ୍ୟରେ ସୀମିତ ନରହି ଉଭୟ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି । ଏସବୁକୁ ଆଖିଆଗରେ ରଖି ଆମେ ଆରମ୍ଭ କରିଛୁ ଏକ ନୂଆ ପ୍ରୟାସ । 'ପ୍ରାକ୍ ବିବାହ ପରାମର୍ଶ' ଆମର ଏହି ନୂଆ ପ୍ରୟାସ ହୁଏତ ବିବାହ ପରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ କେତେକାଂଶରେ ସହାୟତା ହୋଇପାରିବ । ବିବାହ ଏକ ସାମାଜିକ ଆବଶ୍ୟକତା ନୁହେଁ ବରଂ ନୈତିକ ଦାୟିତ୍ୱ । ଆମର ଉଦ୍ଦେଶ୍ୟ ହେଲା ବିବାହ ହେଉ ଭାଙ୍ଗିନଯାଉ । ଯେଉଁମାନେ ଆଗକୁ ବିବାହ କରିବାକୁ ଯାଉଛନ୍ତି ସେମାନଙ୍କୁ ଅନୁରୋଧ 'ପ୍ରାକ୍ ବିବାହ' ପରାମର୍ଶ ପାଇଁ ଆଗେଇ ଆସିବା ଉଚିତ୍ ।

# ସଫଳ କାହାଣୀ

**(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି ।)**

## ପ୍ରତାରଣା ପରେ ମିଳନ

ଏକ ବିଭାଘର ଉତ୍ସବରେ ପୋଲିସରେ କାର୍ଯ୍ୟକରୁଥିବା ରବିଙ୍କ ସହ ଦିବ୍ୟାଙ୍କର ପ୍ରଥମ ଦେଖା । କଟକରେ ରହୁଥିବା ଦିବ୍ୟା ପ୍ରଥମ ଦେଖାରେ ରବିଙ୍କ ପ୍ରେମରେ ପଡ଼ିଗଲେ । ଧିରେ ଧିରେ ସମ୍ପର୍କ ନିବିଡ଼ ହେବାକୁ ଲାଗିଲା । ରବି ଦିବ୍ୟାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସ୍ୱାମୀ ସ୍ତ୍ରୀର ସମ୍ପର୍କ ରଖିଲେ । ଦିନ ପରେ ଦିନ ଗଡ଼ି ଚାଲିଲା । ଦିବ୍ୟା ଯେତେବେଳେ ରବିଙ୍କୁ ବିବାହ ପାଇଁ ଚାପ ପକାନ୍ତି ରବି କୌଣସି ବାହାନା କରି ଏଡ଼ାଇ ଯାଆନ୍ତି । ଏମିତି ସାତ ବର୍ଷ ବିତିଗଲା ପରେ ଦିବ୍ୟାଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ସେ ରବିଙ୍କ ପାଖରେ ଅଡ଼ି ବସିଲେ ଯେମିତି ହେଉ ତାଙ୍କୁ ବିବାହ କରିବାକୁ, କାରଣ ସେ ଲୁଚି ଛପି ଏପରି ସମ୍ପର୍କ ରଖି ପାରିବେ ନାହିଁ । ଏହା ଶୁଣି ରବି କଥା ଏଡ଼ାଇ ଚାଲିଲେ । ଦିବ୍ୟାଙ୍କର କୌଣସିକଥାକୁ ଗୁରୁତ୍ୱ ଦେଲେନାହିଁ । ଏପରିକି ଦୁହିଁଙ୍କ ମଧ୍ୟରେ ଧିରେ ଧିରେ କଥାବାର୍ତ୍ତା ମଧ୍ୟ କମିଗଲା । ଦିବ୍ୟା କିନ୍ତୁ ହାରି ନଯାଇ ରବିଙ୍କର ଏଭଳି ପରିବର୍ତ୍ତନର କାରଣ ଖୋଜିଲେ । ଶେଷରେ କିଛି ଉପାୟ ନ ପାଇ ବାଧ୍ୟ ହୋଇ ଦିବ୍ୟା 'ମାଧ୍ୟମ'ର ଦ୍ୱାରସ୍ଥ ହେଲେ । ଦିବ୍ୟାଙ୍କର ଅଭିଯୋଗର ଶୁଣାଣି କରି 'ମାଧ୍ୟମ' ଉଭୟଙ୍କୁ ଡକାଇଲେ । ରବି ଓ ଦିବ୍ୟାଙ୍କୁ କାଉନସେଲିଂ କରାଗଲା । କାହିଁକି ବାହା ହେବା ପାଇଁ ରାଜି ହେଉନାହାନ୍ତି ପଚାରିବାରୁ ରବି ସେମିତି କିଛି ଖାସ୍ କାରଣ କହିପାରିଲେ ନାହିଁ । କେବଳ ଏତିକି କହିଲେ, ଦିବ୍ୟା ଓ ତାଙ୍କ ଘର ଲୋକେ ତାଙ୍କୁ ବହୁତ ଖରାପ ବ୍ୟବହାର କରନ୍ତି ତେଣୁ ସେ ବିବାହ କରିବାକୁ ଚାହୁଁନାହାନ୍ତି । ବିବାହ ପରେ ଯଦି ଏପରି ବ୍ୟବହାର କରିବେ ତାହାଲେ ଅସୁବିଧା ହେବ । ବାରମ୍ବାର ସେ ଦୁଇଜଣଙ୍କୁ ମାଧ୍ୟମକୁ ଡକାଇ କାଉନସେଲିଂ କଲା ପରେ ରବି ବିବାହ ପାଇଁ ରାଜି ହେଲେ ଏବଂ ଦିବ୍ୟା ବି ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବେ ବୋଲି ପ୍ରତିଶ୍ରୁତି ଦେଲେ । ଏବେ ଦୁଇଜଣ ବିବାହ କରି ସୁଖରେ ରହିଛନ୍ତି ।

## ଗଢ଼ି ଉଠିଲା ସୁନାର ସଂସାର

ଭଲ ପାଇ ବିବାହ କରିଥିବା ଗୀତା ଓ ବାପୁନ ତାଙ୍କର ୮ ବର୍ଷର ଝିଅ ସହ ଖୁସିରେ ରହୁଥିଲେ । ରାଜଧାନୀ ଭୁବନେଶ୍ୱରରେ ନିଜର କ୍ୱାଟର, ସ୍ୱାମୀ, ସ୍ତ୍ରୀ ଝିଅକୁ ନେଇ ଏକ ସୁଖର ସଂସାର । ବାପୁନ ଏକ ସରକାରୀ ଚାକିରିଆ ହୋଇଥିବାରୁ ତାଙ୍କୁ ମଝିରେ ମଝିରେ ସହର ବାହାରକୁ ଅଫିସ କାମରେ ଯିବାକୁ ପଡ଼ିଥାଏ । ହେଲେ ଯେତେବେଳେ ଏକ ବିଶେଷ ସୂତ୍ରରୁ ଗୀତା ଖବର ନେଲା ବିନା ଅଫିସ୍ କାମରେ ବି ବାପୁନ ଅଫିସ କାମରେ ବାହାରକୁ ଯାଉଛି କହି ଯାଆନ୍ତି, ଧିରେଧିରେ ଏହି କଥା ଉପରେ ଗୀତାର ସନ୍ଦେହ ବଢ଼ିଲା । କିଛିଦିନ ପରେ ଗୀତା ଜାଣିବାକୁ ପାଇଲେ ବାପୁନଙ୍କର ଅନ୍ୟ ଏକ ଝିଅ ସହ ସମ୍ପର୍କ ଗଢ଼ିଉଠିଛି । ଧିରେଧିରେ ବାପୁନଙ୍କର ହାବଭାବର ପରିବର୍ତ୍ତନ ଲକ୍ଷ୍ୟ କଲେ ଗୀତା । ଘରଠାରୁ ଝିଅଠାରୁ ଦୂରେଇ ରହିବା ଓ ଘରର କିଛି ଦାୟିତ୍ୱ ନନେବା ଏସବୁ କାରଣକୁ ନେଇ ଧିରେ ଧିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହେବାକୁ ଲାଗିଲା । ଘଟଣା ଦାଣ୍ଡରୁ ଯାଇ ଘାଟରେ ପଡ଼ିଲା । ଗୀତାର ସହିବାର ଧର୍ଯ୍ୟ ନଥିଲା । ନିତିଦିନିକା ଝଗଡ଼ା ସବୁଦିନିଆଁ ଝଗଡ଼ା ହେବାକୁ ଲାଗିଲା । ଯାହାଫଳରେ ନିଜର ଏକମାତ୍ର ଝିଅ ଉପରେ ଏହାର ପ୍ରଭାବ ପକାଇଲା । ନିଜ ସ୍ତ୍ରୀ ଓ ଝିଅକୁ ଛାଡ଼ି ଅନ୍ୟତ୍ର ରହିବାକୁ ଲାଗିଲା । ଏସବୁ ଘଟଣା ପରେ ଗୀତା ନିଷ୍ପତ୍ତି ନେଲେ 'ମାଧ୍ୟମ' ଆସିବାକୁ । ସେ ଚାହୁଁନଥିଲେ ଥାନାର ଦ୍ୱାରସ୍ଥ ହେବାପାଇଁ, ସେ ଚାହୁଁଥିଲେ ଏକ ଆପୋଷ ବୁଝାମଣା । ଯାହା 'ମାଧ୍ୟମ' ଦ୍ୱାରା ସମ୍ଭବ ହୋଇ ପାରିଲା । ଦୀର୍ଘଦିନ ଓ ଦୀର୍ଘ ସମୟ ପରାମର୍ଶ ପରେ ଶେଷରେ ଏହା ସଫଳ ହେଲା । ଗୀତା ଓ ବାପୁନ ପୁଣି ଏକାଠି ହେଲେ । ନିଜର ଝିଅ ସହ ଖୁସିରେ ଗଲାବେଳେ 'ମାଧ୍ୟମ'କୁ ଅନେକ ଅନେକ ଧନ୍ୟବାଦମଧ୍ୟ ଦେଲେ । ଭାଙ୍ଗି ଯାଇଥିବା ସଂସାର ପୁଣିଥରେ ଗଢ଼ିଉଠିଲା ।

# GLIMPSES...



























## For more information contact


**Maadhyam**

**BHUBANESWAR**
Office of the Deputy Commissioner of Police
Vani Vihar Square, Bhubaneswar
Ph: 0674-2955539, 9348116021 (M)
E-mail:maadhyambbsr@isdbbsr.org

**CUTTACK**
Mahila Police Station
Buxibazar, Cuttack
Ph: 9348110074
E-mail:maadhyamctc@isdbbsr.org

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org